Oriya:Layout 1 03/11/11 1:33 PM Page 1



# ବିଭିନ୍ନ ମାନବ ଅଧିକାର ବିଷୟ ଗୁଡିକ
# ଉପରେ
# ପୋଲିସ କର୍ମଚାରୀବର୍ଗ ମାନଙ୍କ ପାଇଁ ପଥ ପ୍ରଦର୍ଶକ

सर्वे
भवन्तु सुखिनः

## ରାଷ୍ଟ୍ରିୟ ମାନବ ଅଧିକାର ଆୟୋଗ

Oriya:Layout 1 03/11/11 1:33 PM Page 2

# ବିଭିନ୍ନ ମାନବ ଅଧିକାର ବିଷୟ ଗୁଡିକ
# ଉପରେ
# ପୋଲିସ କର୍ମଚାରୀବର୍ଗ ମାନଙ୍କ ପାଇଁ ପଥ ପ୍ରଦର୍ଶିକ

ରାଷ୍ଟ୍ରିୟ ମାନବ ଅଧିକାର ଆୟୋଗ
ଫରିଦକୋଟ ହାଉସ୍, କୋପରନିକସ୍ ମାର୍ଗ,
ନୂଆ ଦିଲ୍ଲୀ-110 001

# Guidelines for Police Personnel on Various Human Rights Issues in Bengali

**First Edition:** 10 December 2010
© 2010 National Human Rights Commission

National Human Rights Commission
Faridkot House, Copernicus Marg, New Delhi-110 001

**Printed at : Shri Ganesh Associats**
C-83/11, Street No.-7, Mohanpuri, Moajpur, Delhi-110 053

# ସୂଚୀପତ୍ର


| କ୍ରମ ସଂଖ୍ୟା | ଅଧ୍ୟାୟ | ପୃଷ୍ଠା ସଂଖ୍ୟା |
|---|---|---|
| | ଭୂମିକା | 1-3 |
| 1. | ଗିରଫ | 4-9 |
| 2. | ଅଟକାଇ ରଖିବା | 10-12 |
| 3. | ମହିଳା ମାନଙ୍କ ସୁରକ୍ଷା | 13-15 |
| 4. | ପିଲାମାନଙ୍କ ସୁରକ୍ଷା | 16-19 |
| 5. | ତଫସିଲଭୁକ୍ତ ଜାତି ଏବଂ ତଫସିଲଭୁକ୍ତ ଜନଜାତି ର ଅଧିକାର ଗୁଡ଼ିକର ସୁରକ୍ଷା | 20-22 |
| 6. | ବରିଷ୍ଠ ନାଗରିକ ମାନଙ୍କର ଅଧିକାର ଗୁଡ଼ିକର ସଂରକ୍ଷଣ | 23-24 |
| 7. | ଅଳ୍ପତର ସଂଖ୍ୟା ମାନଙ୍କ ଅଧିକାର ଗୁଡ଼ିକର ସଂରକ୍ଷଣ ରକ୍ଷା | 25-27 |
| 8. | ବାଧ୍ୟତାମୂଳକ/ବଂଧୁଆ ମଜଦୁର ଏବଂ ପୋଲିସିଙ୍ଗ | 28-30 |
| 9. | ଏନକାଉଣ୍ଟର | 31-33 |
| 10. | ଆତଙ୍କବାଦ ଏବଂ ପୋଲିସିଙ୍ଗ | 34-37 |

# ଭୂମିକା

ରାଷ୍ଟ୍ରୀୟ ମାନବ ଅଧିକାର ଆୟୁକ୍ତ ର ଏହା ବିଶ୍ୱାସ କି ପୋଲିସ ବ୍ୟବସ୍ଥା ଏବଂ ମାନବ ଅଧିକାର, ରାଜ୍ୟ ଏବଂ ନାଗରିକ ଉଭୟଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ ।

ଏ ଯୁଗରେ ପୋଲିସକୁ ଆଇନ ର ଅନୁଶାସନକୁ ସମର୍ଥନ କରିବ ଆଉ ଅପରାଧ ର ତଦନ୍ତ ଏବଂ ନିବାରଣ କରିବା ସହିତ ଅନ୍ୟ ଭୂମିକା କୁ ମଧ୍ୟ ଗ୍ରହଣ କରିବାକୁ ପଡ଼ି ଥାଏ । ସେମାନେ ନା କେବଳ ମାନବ ଜୀବନ ଏବଂ ସମ୍ପତ୍ତି, ଯାହାକି ବ୍ୟକ୍ତିର ମୌଳିକି ମାନବ ଅଧିକାର ଅଟେ, ତାର ରକ୍ଷା କରନ୍ତି ଏହା ବ୍ୟତୀତ ସେମାନଙ୍କ ଠାରୁ ଏହା ମଧ୍ୟ ଆଶା କରା ଯାଇ ଥାଏ କି ସେମାନେ ଅଲ୍ପତର ସଂଖା ବା ସଂଖ୍ୟାଲଘିଷ୍ଠ ଦଳ, ସମାଜର ଦରିଦ୍ର ବର୍ଗ, ମହିଳା ଇତ୍ୟାଦିଙ୍କ ବିରୁଦ୍ଧରେ ହେଉ ଥିବା ଭେଦଭାବକୁ ଦୁର କରିବା ଉଦ୍ଦେଶ୍ୟ ସହିତ ଗୁରୁତ୍ୱପୂର୍ଣ୍ଣ ସାମାଜିକ ବିଧାନ ଗୁଡ଼ିକୁ ମଧ୍ୟ ସମ୍ପାଦନ କରିବାକୁ ହୁଏ ।

ଏହି ଉଦ୍ଦେଶ୍ୟର ଉପଯୁକ୍ତ ସଂପାଦନ କେବଳ ସେହି ସମୟରେ ସମ୍ଭବ ହୋଇ ପାରିବି ଯେଉଁ ସମୟରେ ପୋଲିସ କର୍ମୀ, ବିଶିଷ୍ଟ ମାନବ

ଅଧିକାର ଗୁଡିକ ସହିତ ସଂପୂର୍ଣ୍ଣ ରୂପେ ଅବଗତ ହୋଇ ଥିବ । କିନ୍ତୁ ପୋଲିସ କର୍ମୀ ମାନଙ୍କର କର୍ତ୍ତବ୍ୟର ପ୍ରକୃତି ଏପରି ହୋଇ ଥାଏ ଯେ ସେମାନଙ୍କୁ ଅପରାଧ ପ୍ରତାରିତ ବ୍ୟକ୍ତି ମାନଙ୍କ ସହିତ ଆଇନର ଉଲ୍ଲଘ୍ନ କରି ଥିବା ଲୋକ ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡ଼ି ଥାଏ, ସେଥି ପାଇଁ ପୋଲିସ କୁ ବ୍ୟକ୍ତିଗତ ଅଧିକାର ଗୁଡ଼ିକର ବିଶେଷ କରି ସମାଜ ର ଉପେକ୍ଷିତ ବର୍ଗ ମାନଙ୍କର ଅଧିକାର ଗୁଡ଼ିକ ପ୍ରତି ସମବେଦନାଶୀଳ ହେବା ଏବଂ ନିଜ କର୍ତ୍ତବ୍ୟ ଗୁଡ଼ିକର ନିର୍ବାହ କରିବା ସହିତ ସେମାନଙ୍କ ପ୍ରତି ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର କରିବାକୁ ପଡ଼ି ଥାଏ ।

ବ୍ୟାପକ ପରିପ୍ରେକ୍ଷିତରେ ମାନବ ଅଧିକାର ଗୁଡ଼ିକ ପ୍ରତି ସମ୍ମାନ କେବଳ ଅଧିକାର ବିଶିଷ୍ଟ ବିଷୟ ନୁହେଁ, ଏହା ବାସ୍ତବରେ ପୋଲିସ କୁ ଆଇନର ପ୍ରଭାବ, କାର୍ଯ୍ୟଭାର ଗ୍ରହଣ କରିବାରେ ସାହାଯ୍ୟ କରି ଥାଏ ।

ଆୟୁକ୍ତ ପୋଲିସ ଦଳରେ ବହୁଳ ସଂଖ୍ୟାରରେ ଉପସ୍ଥିତ କନଷ୍ଟେବଲ ମାନଙ୍କ ପାଇଁ ବିଭିନ୍ନ ମାନବ ଅଧିକାର ବିଷୟ ଗୁଡିକ ଉପରେ ଏକ ପୁସ୍ତିକା, ପଥ-ପ୍ରଦର୍ଶକ ଗୁଡ଼ିକୁ ପ୍ରକାଶିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ପ୍ରାୟତଃ ସେମାନେ ନିଜ -ନିଜ କୁ ମାନବ ଅଧିକାର ଗୁଡ଼ିକର ପ୍ରଥମ ରକ୍ଷକ ର ଭୂମିକା ରେ ପାଇ ଥାନ୍ତି । ଏହି ପୁସ୍ତିକା ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସେମାନଙ୍କ ନିଜ କାର୍ଯ୍ୟକୁ ଉପଯୁକ୍ତ ରୂପେ ସମ୍ପାଦନ ବା ପାଳନ କରିବାରେ ସାହାଯ୍ୟ କରିବ ।

Oriya:Layout 1 03/11/11 1:34 PM Page 7

ଏହି ପୁସ୍ତକ ର ଅଧ୍ୟାୟ ଗୁଡ଼ିକର ରୂପାଙ୍କନ କରିବାରେ ଆଉ ସଂକଳନ ଏବଂ ପ୍ରଥମ କିଛି ଅଧ୍ୟାୟ ଗୁଡ଼ିକୁ ଲେଖିବା ହେତୁ ଆୟୁକ୍ତର ଗବେଷଣା ଅଧିକାରୀ ଡ଼ା ଅପର୍ଣ୍ଣା ଶ୍ରୀବାସ୍ତବଙ୍କ ଚେଷ୍ଟା କୁ ମଧ୍ୟ ଲିପିବଦ୍ଧ କରିବାକୁ ଚାହୁଁଚି । ଅନ୍ୟ ଅଧ୍ୟାୟ ଗୁଡ଼ିକୁ ଲେଖିବାରେ ତଦନ୍ତ ବିଭାଗ ର ଅଧିକାରୀ ମାନେ ମଧ୍ୟ ନିଜ - ନିଜ ର ଯୋଗଦାନ କରିଛନ୍ତି । ଏହି ପରିକଳ୍ପନା ର ଦାୟିତ୍ୱ ଆୟୁକ୍ତର ଉପ-ନିରୀକ୍ଷକ IPS DIG NHRC ଶ୍ରୀ ସତିନ୍ଦର ପାଲ ସିଂହଙ୍କ ପରିଦର୍ଶନ ଏବଂ ଶ୍ରୀ ସୁନୀଲ କୃଷ୍ଣ IPS D.G (Investigation) ଙ୍କ ପଥ-ପ୍ରଦର୍ଶନରେ ସଂପୂର୍ଣ୍ଣ କରା ଯାଇଛି ।



ତାରିଖ : 10 ଡିସେମ୍ବର 2010

**ପିଶି ଶର୍ମା**
ସଦଶ୍ୟ
ରାଷ୍ଟ୍ରିୟ ମାନବ ଅଧିକାର ଆୟୋଗ

# ଅଧ୍ୟାୟ-1

# ଗିରଫ

ଆଇନ ଠାରୁ ପୋଲିସକୁ କେତଟି ନିଶ୍ଚିତ ପିରିସ୍ଥିତିରେ ଲୋକଙ୍କୁ ଗିରଫ କରିବା ଏବଂ ଆବଶ୍ୟକ ପରିସ୍ଥିତିରେ ଏପିର କରାବା ପାଇଁ ବଳ ପ୍ରୟୋଗ କରିବାର ଅଧିକାର ମିଳି ଥାଏ ।[1]

ଅଧ୍ୟୟନ ରୁ ଏହା ବୁଝି ପାରିବା କି ଅନବାର୍ଯ୍ୟ ଗିରଫ ଏବଂ ସାମାନ୍ୟ ଅପରାଧ ଗୁଡିକ ପାଇଁ ହୋଇ ଥିବା ଗିରଫର ର ସଂଖ୍ୟା ବହୁତ ଅଧିକ ମାତ୍ରାରେ ଥାଏ ଏବଂ ବିଚାରାଧୀନ ବନ୍ଦି ମାନଙ୍କର ସଂଖ୍ୟା ଶତକଡ଼ା ହାର ର ଅସାମାନ୍ୟ ରୂପେ ବହୁତ ଅଧିକ ଥାଏ ଆଉ ସେମାନଙ୍କ ମଧ୍ୟର ଅଧିକ ସଂଖ୍ୟାରେ କଏଦି, ମାତ୍ର ସେଥି ପାଇଁ କାରାଗାର ରେ ଅଛନ୍ତି କାରଣ ସେମାନେ ନିଜ ଜାମିନ ଯୋଗାଇବାରେ ଅସମର୍ଥ ଥାନ୍ତି ।[2]

ଗିରଫ ଓ ଅଟକାଇ ରଖିବା ଦ୍ୱାରା ବ୍ୟକ୍ତିର ଯଶ ନିଷ୍ଠ ହୋଇ ଥାଏ । ଦୁର୍ଭାଗ୍ୟ ଯେ ଆମ ପ୍ରଣାଳୀ ରେ ଅନାବଶ୍ୟକ ରୂପେ ଗିରଫ ହୋଇ ଥିବ । ଲୋକଙ୍କ ପାଇଁ କ୍ଷତି ପୂରଣ ଦେବାର କୌଣସି ବିଧି ନାହିଁ ।

1. Section 46 of Cr.Pc
2. Law Commission of India- Consultation paper on Law relating to arrest, Nov 2000

# କଣ କରିବ

1. ଏହା ସୁନିଶ୍ଚିତ କରିବା କି କୌଣସି ବ୍ୟକ୍ତି କୁ ବିଧି ଦ୍ୱାରା ପ୍ରତିଷ୍ଠାନ ପ୍ରକ୍ରିୟା କୁ ଛାଡ଼ି ଦେଇ ତାର ଜୀବନ କିମ୍ବା ବ୍ୟକ୍ତିଗତ ସ୍ୱାଧିନତା ର ଅଧିକାର ଠାରୁ ତାକୁ ବଂଚିତ କରା ହୋଇ ନ ଥିବ। (Article 21 of the Indian Constitution)

2. ଏହା ସୁନିଶ୍ଚିତ କରିବା କି ଗିରଫ କରି ଥିବା ପୋଲିସ ଅଧିକାରୀ ର ଚିହ୍ନିଟ ତାହାର ନାମ ପତ୍ର ଏବଂ ପଦ ଦ୍ୱାରା ସ୍ୱଷ୍ଟ ହୋଇ ଥିବ। (ଗିରଫ ସମ୍ବନ୍ଧଯୁକ୍ତ ମାର୍ଗ ପ୍ରଦର୍ଶକ D.K .Basu ବନାମ ପଶ୍ଚିମ ବଂଗାଳ ରାଜ୍ୟ AIR 1997 S.C. 610)

3. ଏହା ସୁନିଶ୍ଚିତ କରିବା କି ଗିରଫ ବ୍ୟକ୍ତିକୁ ତାର ଗିରଫ ସମ୍ବନ୍ଧଯୁକ୍ତ ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ କିମ୍ବା ଗିରଫର କାରଣ ସମ୍ବନ୍ଧରେ ସବିଶେଷ ବିବରଣ ତାକୁ ଜଣାଇ ଦେବା (Article 22 of the Indian Constitution)

4. ଏହା ସୁନିଶ୍ଚିତ କରିବା କି ଗିରଫ ବ୍ୟକ୍ତି ର କୌଣସି ଆତ୍ମୀୟସ୍ୱଜନାଦି କିମ୍ବା ବଂଧୁ କୁ ତାହାର ଗିରଫ ଏବଂ ତାହାକୁ ଅଟକାଇ ରଖିବା ସ୍ଥାନ ବିଷୟରେ ଜଣାଇ ଦେବ। (Section 50A(1) Cr.PC)

5. ଏହା ସୁନିଶ୍ଚିତ କରିବା କି ଗିରଫ ବ୍ୟକ୍ତି ଆଉ ତାହାର ଗିରଫ ସମ୍ବନ୍ଧୀୟ ସୂଚନା ଜଣାଇ ଥିବା ବ୍ୟକ୍ତି ବିଶିଷ୍ଟର ବିସ୍ତୃତ ବିବରଣୀ କୁ ପୋଲିସ ଷ୍ଟେଶନ ରେ ରଖା ଯାଇ ଥିବା ନିର୍ଦ୍ଦିଷ୍ଟ ବିବରଣ ପୁସ୍ତକ ରେ ଲିପିବଦ୍ଧ କରି ରଖା ହୋଇ ଯିବ । (Section 50A (3) Cr.PC)

6. ଏହା ସୁନିଶ୍ଚିତ କରିବା କି ଗିରଫ ସମୟରେ ଯଦି ଗିରଫ ବ୍ୟକ୍ତି ର ଶରୀର ରେ କ୍ଷତ ହୋଇ ଥିବ ତାହାହେଲେ ସେହି କ୍ଷତ ସମ୍ବନ୍ଧରେ ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଗିରଫ ମେମୋ ରେ ଲିପିବଦ୍ଧ କରିବା ଏବଂ ଗିରଫ ବ୍ୟକ୍ତିର ଚିକିତ୍ସା କରାଇବା।

7. ଏହା ସୁନିଶ୍ଚିତ କରିବା କି ଆପତ୍ତିଜନକ ପରିସ୍ଥିତିଗୁଡିକୁ ଛାଡ଼ି କୌଣସି ମହିଳା କୁ ସୂର୍ଯ୍ୟାସ୍ତ ଠାରୁ ସୂର୍ଯ୍ୟୋଦୟ ମଧ୍ୟରେ ଗିରଫ କରା ଯାଇ ନ ଥିବ । (Section 46 (4) Cr.PC)

8. ଏହା ସୁନିଶ୍ଚିତ କରିବା କି କୌଣସି ମହିଳାକୁ ଗିରଫ କରିବା ସମୟରେ ମହିଳା ପୋଲିସ ଅଧିକାରୀ କୁ ସାଙ୍ଗରେ ରଖା ଯାଇ ଥିବ । (Section 46 (4) Cr.PC)

9. ଏହା ସୁନିଶ୍ଚିତ କରିବା କି କୌଣସି କିଶୋର କିମ୍ବା ବାଳକ କୁ ଗିରଫ କରିବା ସମୟରେ ଯେ କୌଣସି ମଧ୍ୟ ପରିସ୍ଥିତି ରେ କୌଣସି ପ୍ରକାର ର ବଳ ପ୍ରୟୋଗ କରା ନ ଯାଏ ଥିବ କିମ୍ବା ମାଡ଼ ମରା ନ ଯାଉ

ଯାଏ। କିଶୋର ଆଉ ବାଳକ ମାନଙ୍କୁ ଗିରଫ କରିବା ସମୟରେ ସମ୍ମାନଜନକ ଲୋକମାନଙ୍କ ସହଯୋଗ ନିଆ ଯାଇ ପାରେ ।

**10.** ଗିରଫ କରା ଯାଉଥିବା ବ୍ୟକ୍ତି ର ମାନବୀୟ ଗୌରବ ର ରକ୍ଷା ହେଉ ଥିବ। ଗିରଫ ବ୍ୟକ୍ତି ର ସାର୍ବଜନିନ ପ୍ରଦର୍ଶନ କିମ୍ବା ତାହାର ପରେଡ଼ କରିବାର ଅନୁମତି ଦିଆ ଯାଇ ନ ଥିବ ।

**11.** ଗିରଫ ବ୍ୟକ୍ତି ର ତଦନ୍ତ କରିବା ସମୟରେ ତାହାର ଗୌରବର ସମ୍ମାନକୁ ଧ୍ୟାନରେ ରଖି କରା ଯିବା ଦରକାର । ଅନାବଶ୍ୟକ ବଳ ପ୍ରୟୋଗ ଠାରୁ ଦୂରରେ ରହି ବ୍ୟକ୍ତି ର ଆତ୍ମସମ୍ମାନ ର ଅଧିକାର କୁ ଧ୍ୟାନ ରେ ରଖା ହୋଇ ଥିବ। ମହିଳାମାନଙ୍କ ତଲାସି ମର୍ଯାଦା କୁ ଦୃଷ୍ଟି ଆଗରେ ରଖି କେବଳ ମହିଳା ମାନଙ୍କ ଦ୍ୱାରା ହି କରା ଯାଇ ଥିବ । (Section 51 (2) Cr.PC)

**12.** ଯଦି ବ୍ୟକ୍ତିକୁ କୌଣସି ଜାମିନ ଯୋଗ୍ୟ ଅପରାଧ ପାଇଁ ଗିରଫ କରା ଯାଏ ତାହା ହେଲେ ଗିରଫ ବ୍ୟକ୍ତିକୁ ଜାମିନ ରେ ଖଲାସ ହେବାରେ ତାହାର ଅଧିକାର ସମ୍ବନ୍ଧଯୁକ୍ତ ବିଷୟରେ ଜଣାଇବା ଯାହା ଫଳରେ ସେ ନିଜର ଜାମିନ ର ବ୍ୟବସ୍ଥା କରି ପାରିବ ।

**13.** ଗିରଫ ଏବଂ ଅଟକାଇ ରଖା ଯାଇ ଥିବା ସ୍ଥାନ ସମ୍ବନ୍ଧରେ ବିନା କୌଣସି ବିଳମ୍ବରେ ପୋଲିସ କଣ୍ଟ୍ରୋଲ ରୁମ୍ ଏବଂ ଜିଲ୍ଲା/ରାଜ୍ୟ

ମୁଖ୍ୟାଳୟ କୁ ସୂଚନା ଦିଆ ଯାଇଥିବ ।

## କଣ ନ କରିବ

1. ବିନା ୱାରଣ୍ଟ ରେ କୌଣସି ବ୍ୟକ୍ତି କୁ ଗିରଫ କରା ଯାଇ ପାରିବ ନାହିଁ, ଯେଉଁ ପର୍ଯ୍ୟନ୍ତ କି ତଦନ୍ତ କୁ ଭିତ୍ତି କରି ସେହି ବ୍ୟକ୍ତି ର କୌଣସି ଜ୍ଞାତବ୍ୟ ଅପରାଧ ରେ ଅନ୍ତର୍ଭୁକ୍ତ ରହିବା ଏବଂ ଗିରଫ କରିବା ପାଇଁ ଆବଶ୍ୟକ ଯୁକ୍ତିଯୁକ୍ତ ନିଷ୍ପତ୍ତି ରେ ପହଞ୍ଚି ନ ଯିବା । (Section 41 Cr.PC)

2. ଯେଉଁ ପର୍ଯ୍ୟନ୍ତ ଅନ୍ୟ କୌଣସି ପ୍ରକାର ରେ କୌଣସି ଅପରାଧ କୁ ରୋକିବା ସମ୍ଭବ ହେଉ ନ ଥିବ ସେ ପର୍ଯ୍ୟନ୍ତ କୌଣସି ବ୍ୟକ୍ତିକୁ ଗିରଫ ନ କରିବା । (Section 151 Cr.PC)

3. ଗିରଫ ବ୍ୟକ୍ତି କୁ ସଂଯମ ରେ ରଖିବା ପାଇଁ ଆବଶ୍ୟକ ଠାରୁ ଅଧିକ ବଳ ପ୍ରୟୋଗ ନ କରିବ । (Section 49 Cr.PC and Article 21 of the Indian Constitution)

4. କୌଣସି ମୋକଦ୍ଦମା। ସମ୍ବନ୍ଧରେ କୌଣସି ମହିଳା କିମ୍ବା 15 ବର୍ଷ ଠାରୁ କମ ବୟସ ର କୌଣସି ବାଳକ କୁ ପୋଲିସ ଥାନାକୁ ନ ଡାକିବ । ପୋଲିସ ଅଧିକାରୀ ଏପରି ମହିଳା/ନାବାଳକ ସହିତ ପଚରା

ଉତ୍ତରା କେବଳ ସେମାନଙ୍କ ନିବାସ ସ୍ଥଳ ରେ ହିଁ କରି ପାରିବେ । (Section 160 (1) Cr.PC)

**5.** ମ୍ୟାଜିଷ୍ଟ୍ରେଟ ଙ୍କ ଅଭିବ୍ୟକ୍ତ ଆଦେଶ ବିନା କୌଣସି ଗିରଫ ବ୍ୟକ୍ତି କୁ **24** ଘଣ୍ଟା ରୁ ଅଧିକ ଅଟକାଇ ରଖା ଯାଇ ପାରିବ ନାହିଁ । (Section 57 Cr.PC)

**6.** ହାଥକଡି ଓ ଶୃଂଖଳ ର ପ୍ରୟୋଗ ସେହି ସମୟ ପର୍ଯ୍ୟନ୍ତ କରିବ ନାହିଁ ଯେଉଁ ପର୍ଯ୍ୟନ୍ତ ଆପଣମାନେ ଏପରି କରିବାକୁ ନିଜର କାରଣ ଗୁଡିକୁ ଲିପିବଦ୍ଧ କରି ରଖି ନ ଥିବେ ଏବଂ ନ୍ୟାୟାଳୟ ଠାରୁ ଏହି ସମ୍ବନ୍ଧରେ କୌଣସି ଆଦେଶ ପାଇ ନ ଥିବେ ।

❖❖❖

# ଅଧ୍ୟାୟ - 2

# ଅଟକାଇ ରଖିବା

ଯେ କୌଣସି ବ୍ୟକ୍ତିକୁ ଯେରା କରିବା ପାଇଁ କିମ୍ବା ନିଜର ପରିଚୟ ସାବ୍ୟସ୍ତ କରିବା ପାଇଁ କିମ୍ବା ଆଲକହଲ ଲେଭଲ୍ ପରୀକ୍ଷା କରିବା ପାଇଁ ପୋଲିସ ଦ୍ୱାରା ଅଟକାଇ ରଖା ଯାଇ ଥିବ, ସେହି ବ୍ୟକ୍ତି ପୋଲିସ ର ତତ୍ତ୍ୱାବଧାନ ରେ ରହି ଥାଏ, ତେଣୁ ସେଥି ପାଇଁ ସେ ରାଜ୍ୟର ସଂରକ୍ଷଣ ରେ ରହି ଥାଏ ଏବଂ ରାଜ୍ୟର ଏହା ଦାୟିତ୍ୱ ଥାଏ କି ସେ ନିଜର ଆଶ୍ରୟରେ ଥିବା ସମସ୍ତ ବ୍ୟକ୍ତି ମାନଙ୍କର ମାନବ ଅଧିକାର ଗୁଡ଼ିଙ୍କର ରକ୍ଷା କରିବା ସୁନିଶ୍ଚିତ କରିବା ଉଚିତ ।

## କଣ କରିବ

1. ଏହା ସୁନିଶ୍ଚିତ କରିବା କି କୌଣସି ବ୍ୟକ୍ତି କୁ ଯେରା କରିବା ଉଦ୍ଦେଶ୍ୟରେ ପୋଲିସ ଥାନା କୁ ଡ଼କାଇବା ପୂର୍ବରୁ ସେହି ବ୍ୟକ୍ତି ପାଖକୁ ଲିଖିତ ଆଦେଶ ପଠା ଯାଇ ଥିବ (Section 160 (I) Cr.PC).

2. ଏହା ସୁନିଶ୍ଚିତ କରିବା କି ପୋଲିସ ଦ୍ୱାରା ଅଟକାଇ ରଖି ଥିବା ବ୍ୟକ୍ତିଙ୍କ ପରିବାର ର ସଦସ୍ୟ କିମ୍ବା ତାହାର ବନ୍ଧୁ ମାନଙ୍କୁ ତାଙ୍କୁ କେଉଁଠି

ଅଟକାଇ ରଖା ଯାଇ ଅଛି ସେହି ସମ୍ବନ୍ଧଯୁକ୍ତ ସମ୍ପୂର୍ଣ୍ଣ ବିବରଣ ବିଷୟରେ ଅବଗତ କରା ଯାଇ ଥିବ ।

3. ଏହା ସୁନିଶ୍ଚିତ କରିବା କି ଯେତେବେଳେ କୌଣସି ବ୍ୟକ୍ତିଙ୍କୁ ପୋଲିସ ଥାନାରେ ଅଟକାଇ ରଖା ଯାଇ ଥିବ ସେତେବେଳେ ତାହା ବିଷୟରେ ସାର୍ବଜନୀନ ରୋଜନାମାରେ ଯଥୋଚିତ ଭାବରେ ଲିପିବଦ୍ଧ କରା ଯାଇ ଥିବ ।

4. ଏହା ସୁନିଶ୍ଚିତ କରିବା କି ଯଦି ଆବଶ୍ୟକ ପଡ଼େ ତାହା ହେଲେ ପୋଲିସ ଦ୍ୱାରା ଅଟକାଇ ରଖା ଯାଇ ଥିବା ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ପ୍ରଦାନ କରା ଯାଇ ଥିବ ।

5. ସମସ୍ତ ଅଟକା ରଖା ଯାଇ ଥିବା ବ୍ୟକ୍ତି ମାନଙ୍କ ସହିତ ମାନବିକ ଗୌରବପୂର୍ଣ୍ଣ ବ୍ୟବହାର କରିବା ଉଚିତ ।

## କଣ ନ କରିବ

1. କୌଣସି ଅଟକାଇ ଥିବା ବ୍ୟକ୍ତିକୁ ଯନ୍ତ୍ରଣା ନ ଦେବା କିମ୍ବା ତାହାକୁ କୌଣସି ପ୍ରକାର ର ନିର୍ମମ, ନିଷ୍ଠୁର କିମ୍ବା ଅପମାନ ଜନକ ବ୍ୟବହାର କିମ୍ବା ଦଣ୍ଡ ଦିଆ ଯାଇ ନ ଥିବ ।

2. ଅଟକାଇ ଥିବା ବ୍ୟକ୍ତିକୁ ଅପରାଧ ସ୍ୱୀକାର କରିବା ପାଇଁ, ନିଜକୁ ଅପରାଧ ରେ ଜଡ଼ିତ କରିବା ପାଇଁ କିମ୍ବା କୌଣସି ଅନ୍ୟ ବ୍ୟକ୍ତିଙ୍କ ବିରୁଦ୍ଧରେ ସାକ୍ଷୀ ଦେବା ପାଇଁ ବାଧ୍ୟ କରା ନ ଯାଇ ଥିବ ।

3. କୌଣସି ବ୍ୟକ୍ତି କୁ ଘେରା ନାମରେ ଦୀର୍ଘ ସମୟ ଧରି ଅଟକାଇ ରଖା ଯାଇ ନ ଥିବ, କାରଣ ସେଥିରେ ସେହି ବ୍ୟକ୍ତି ର ଉତପୀଡ଼ନ ଏବଂ ଦୋଷାବହ ଆବଦ୍ଧ ହେବାର ଆଶା ଥାଏ ।

❖❖❖

# ଅଧ୍ୟାୟ - 3

# ମହିଳା ମାନଙ୍କ ସୁରକ୍ଷା

ଭାରତୀୟ ସଂବିଧାନ ରେ ମହିଳା ମାନଙ୍କୁ ସମାନତା ଦିଆ ଯାଇ ଅଛି । ଭାରତରେ ଆଇନ ପ୍ରବର୍ତ୍ତନ ସହିତ ମହିଳାମାନଙ୍କ ପ୍ରତି ଅପରାଧ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ରହି ଆସୁଛି ।[3]

## କଣ କରିବ

1. ଏହା ସୁନିଶ୍ଚିତ କରିବା କି କୌଣସି ମହିଳାର ତଲାସି ତାହାର ଆତ୍ମସମ୍ମାନ ଏବଂ ଆତ୍ମମର୍ଯ୍ୟାଦା କୁ ମାନରେ ରଖି କେବଳ ଆଉ ଜଣେ ମହିଳାଙ୍କ ଦ୍ୱାରା ହିଁ କରା ଯାଇଥିବ । (Section 51 (2) Cr.PC).

2. ଏହା ସୁନିଶ୍ଚିତ କରିବା କି କୌଣସି ସନ୍ଦେହଯୁକ୍ତ ମହିଳା କୁ ପୋଲିସ ଥାନାରେ ଗୋଟିଏ ଅଲଗ ହାଜତଖାନାରେ ରଖା ଯାଇ ଥିବ । (SC. Judgement Sheela Barse vs State of Maharastra)

3. ଯେଉଁ ପର୍ଯ୍ୟନ୍ତ ସମ୍ଭବ ହେବ, କୌଣସି ମହିଳା କୁ ଗିରଫ

3. ବର୍ଷ 2007 ପର୍ଯ୍ୟନ୍ତ ଦେଶରେ ମହିଳାମାନଙ୍କ ପ୍ରତି ଅପରାଧ ର ମୋଟ 1,85,312 ଘଟନା (ଉଭୟ IPC ଏବଂ SLL).

କରିବା ସମୟରେ ଅନ୍ୟ କୌଣସି ମହିଳା ପୋଲିସ ଅଧିକାରୀ କୁ ସାଙ୍ଗରେ ରହିବା ଉଚିତ । (Section 51 (2) Cr.PC).

4. ଆପଣଙ୍କ ସୂଚନାର୍ଥେ ଆସି ଥିବା ଘରୋଇ ହିଂସାର ଯେ କୌଣସି ଘଟନାର ରିପୋର୍ଟ SHO (ଥାନା ପ୍ରଭାରୀ) କୁ କରିବ ।

5. ଅପରାଧ ବିଶେଷରୂପେ ଧର୍ଷଣ ଏବଂ ଅଭଦ୍ର ବ୍ୟବହାର ର ଶିକାର ମହିଳା ମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିବ ଏବଂ ସେମାନଙ୍କ ଆତ୍ମମର୍ଯ୍ୟାଦା କୁ ଉଚିତ ସମ୍ମାନ ଦେବ ।

6. ଘରୋଇ ହିଂସାରେ ଜଡ଼ିତ ମହିଳା ମାନଙ୍କୁ ତାଙ୍କ 'ସୁରକ୍ଷା ଆଦେଶ' ସାହାଯ୍ୟ ଦ୍ୱାରା ତାଙ୍କୁ ତାଙ୍କର ସେହି ଯନ୍ତ୍ରଣା ର ପ୍ରତିକାର କରି, ତାଙ୍କର ସେହି ଅଧିକାର ବିଷୟରେ ତାଙ୍କୁ ଅବଗତ କରାଇବା ।[4]

## କଣ ନ କରିବ

1. କୌଣସି ଅପରାଧ ରେ ସମ୍ମିଳିତ ହୋଇ ଥିବା କୌଣସି ମହିଳାକୁ ପୋଲିସ ଥାନା ନ ଡ଼କାଇବା । ଯେ କୌଣସି ମହିଳା କୁ ପେରା କରିବାକୁ ହେଲେ ତାଙ୍କୁ ତାଙ୍କ ନିବାସ ସ୍ଥାନରେ ହିଁ କହିବା ଉଚିତ ।

4. ଧାରା 5 ଘରୋଇ ହିଂସା ସଂରକ୍ଷଣ ଅଧିନିୟମ 2005

Oriya:Layout 1 03/11/11 1:34 PM Page 19

(Section 160 (I) Cr.PC).

2. ବ୍ୟତିକ୍ରମ ପରିସ୍ଥିତି ଗୁଡିକୁ ଛାଡି ଦେଇ ସୂର୍ଯ୍ୟାସ୍ତ ପରେ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ କୌଣସି ମହିଳା କୁ ଗିରଫ ନ କରିବା । (Section 46 (4) Cr.PC)

❖❖❖

# ଅଧ୍ୟାୟ- 4

# ପିଲାମାନଙ୍କ ସୁରକ୍ଷା

ଭାରତ ର ସଂବିଧାନ - ଭାଗ-III (ମୌଳିକ ଅଧିକାର) ଏବଂ ଭାଗ -IV (ରାଜ୍ୟ ର ନୀତି ନିର୍ଦ୍ଦେଶକ ସିଦ୍ଧାନ୍ତ) ରେ ପିଲାମାନଙ୍କ ବିକାଶ ଏବଂ ସୁରକ୍ଷା ପାଇଁ ପ୍ରତିବଦ୍ଧ ଅନ୍ତର୍ଭୁକ୍ତ ଅଟେ । କିଶୋର ନ୍ୟାୟ (ପିଲାମାନଙ୍କ ଯତ୍ନ ଏବଂ ସୁରକ୍ଷା) ଅଧିନିୟମ **2000** ରେ **18** ବର୍ଷ ବୟସ ପର୍ଯନ୍ତ ସମସ୍ତ ପିଲାମାନଙ୍କ ସୁରକ୍ଷା ପାଇଁ ସମଗ୍ର ଦେଶରେ ନ୍ୟାୟ ର ସମାନ ଧରଣର ବୈଧାନିକ ପ୍ରଣାଳୀ ର ବ୍ୟବସ୍ଥା କରା ଯାଇ ଅଛି ।

## କଣ କରିବ

**1.** ପିଲାମାନଙ୍କ ସହିତ ବିନମ୍ରତା ପୂର୍ବକ ବ୍ୟବହାର କରିବ ଏବଂ ଯଥା ସଂଭବ ସିଭିଲ ପୋଷାକ ବିନ୍ଧି ସେମାନଙ୍କୁ ପେରା କରିବ ।

**2.** ଯଦି କୌଣସି ପିଲା ସହିତ ପେରା କରିବା ଆବଶ୍ୟକ ମନେ ହୁଏ ତାହା ହେଲେ ସେହି ପିଲା ସହିତ ସେହି ସ୍ଥାନରେ ପେରା କରିବ ଯେଉଁ ସ୍ଥାନରେ ସାଧାରଣତଃ ବାସ କରୁ ଥିବ । (Section 160 Cr.PC)

3. ଏହା ସୁନିଶ୍ଚିତ କରିବ କି ଯେତେ ବେଳେ ଆଇନ ର ଅବମାନନା କରି ଥିବା କୌଣସି ପିଲାକୁ ପୋଲିସ ଗିରଫ କରି ଥାଏ, ସେତେବେଳେ ସେହି ପିଲା କୁ ବିଶେଷ କିଶୋର ପୋଲିସ ଇଉନିଟ୍ (Special Juvenile Police Unit) କିମ୍ବା ନିଯୁକ୍ତ ପୋଲିସ ଅଧିକାରୀ ର ନିରୀକ୍ଷଣ ରେ ରଖା ଯାଇ ଥିବ (Section 10 of the JJ Care and protection Act 2000)

4. ଗିରଫ କରିବା ପରିସ୍ଥିତିରେ ଆଗକୁ କାର୍ଯ୍ୟ ନିର୍ଧାରଣ କରିବା ପୂର୍ବରୁ ପ୍ରଥମେ ପିଲାର ବୟସ ସାବ୍ୟସ୍ତ କରିବ ଉଚିତ ।

5. ଗିରଫ କରିବା ପରେ ଏହା ସୁନିଶ୍ଚିତ କରିବା କି, ବିନା ବିଳମ୍ବ କରି ସେହି ପିଲାକୁ କିଶୋର ନ୍ୟାୟାଳୟ (କୋର୍ଟ) ସମକ୍ଷରେ ଉପସ୍ଥାପନ କରିବ । କୌଣସି ମଧ୍ୟ ପରିସ୍ଥିତିରେ ଏହା 24 ଘଣ୍ଟା ରୁ ଅଧିକ ନ ହୋଇ ଥିବ । (Section 57 Cr.PC)

6. ଫ୍ୟାକଟୋରୀ, ଖଣି (Mines) ଏବଂ ବିପଦ ଶଂକୁଳ ବୃତ୍ତି ଗୁଡିକରେ ପିଲାମାନଙ୍କୁ କାମରେ ଲଗାଇବ ) ନିଷେଧ ଅଟେ । (Article 24 of the Indian constitution) ଏପରି କୌଣସି ଘଟଣା ନଜର ରେ ଆସିଲେ ସେହି ସମ୍ବନ୍ଧିୟ ପଦାଧିକାରୀ ମାନଙ୍କୁ ଉକ୍ତ ଘଟଣା ବିଷୟରେ ତୁରନ୍ତ ରିପୋର୍ଟ କରିବ । (Section 3 of child labour Prohibition

and Regulation Act 1986)

7. ଯଦି କୌଣସି ପିଲାକୁ ଗୋତିଶ୍ରମିକ କରି ରଖା ଯାଇ ଥିବ ତାହା ହେଲେ ତାକୁ ମୁକ୍ତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା । (Bonded labour system (Abolition) Act 1976)

8. ହିନ୍ଦୁ ବିବାହ ଅଧିନିୟମ 1955 ରେ ବାଳ ବିବାହକୁ ନିଷେଧ କରା ଯାଇ ଅଛି । ଏହାକୁ ନିବାରଣ କରିବା ପାଇଁ ପପଦକ୍ଷେପପ ଗ୍ରହଣ କରିବା ।

## କଣ ନ କରିବ

1. କୌଣସି ବାଳିକା କୁ ଯେରା କରିବା ପାଇଁ ପୋଲିସ ଥାନାକୁ ନ ଡ଼କାଇବା । (Section 160 Cr.PC)

2. 15 ବର୍ଷ ଠାରୁ କମ ବୟସ ର କୌଣସି ପିଲାକୁ ମଧ୍ୟ ଯେରା କରିବା ପାଇଁ ପୋଲିସ ଥାନା କୁ ନ ଡ଼କାଇବା । (Section 160 Crpc)

3. ପୋଲିସ ହାଜତ୍‌ଖାନା/କାରାଗାର ରେ କୌଣସି କିଶୋର କୁ ନ ରଖିବା । (Section 18. Juvenile Justice Act 1986)

Oriya:Layout 1 03/11/11 1:34 PM Page 23

4. 7 ବର୍ଷ ଠାରୁ କମ ବୟସର କୌଣସି ପିଲା କୁ ଗିରଫ ନ କରିବା ।[5]

5. ଗିରଫ କରି ଥିବା କୌଣସି କିଶୋର ର ପରିଚୟ ମିଡ଼ିଆ ଆଗରେ ପ୍ରକାଶ ନ କରିବା ।

6. କୌଣସି କିଶୋର କୁ ଅନ୍ୟ କୌଣସି ବୟସ ପ୍ରାପ୍ତ ବ୍ୟକ୍ତି ସହିତ ଅଭିଯୋଗ ପତ୍ର (ଚାର୍ଜସିଟ୍) ଦାଖଲ ନ କରିବା ଏପରିକି ଉଭୟଙ୍କର ଅପରାଧ ସମାନ ହୋଇଥାଏ ।

❖❖❖

5. 7 ବର୍ଷରୁ କମ ବୟସର ପିଲାଙ୍କ ଦ୍ୱାରା କରାଯାଉ ଥିବା କୌଣସି କାର୍ଯ୍ୟକୁ ଅପରାଧ ହୋଇ ନ ଥାଏ । (Section 82 IPC)

# ଅଧ୍ୟାୟ-5

# ତଫସିଲଭୁକ୍ତ ଜାତି ଏବଂ ତଫସିଲଭୁକ୍ତ ଜନଜାତି ର ଅଧିକାର ଗୁଡିକର ସୁରକ୍ଷା

**2001** ର ଜନଗଣନା ଅନୁଯାଇ ତଫସିଲଭୁକ୍ତ ଜାତି/ତଫସିଲଭୁକ୍ତ ଜନଜାତି ମିଶି ଭାରତର ଜନସଂଖ୍ୟା ର **24%** ଅଟେ, ତନ୍ ମଧ୍ୟରୁ ତଫସିଲଭୁକ୍ତ ଜାତି **16%** ଏବଂ ତଫସିଲଭୁକ୍ତ ଜନଜାତି ର ସଂଖ୍ୟା ମୋଟ **8%** ଅଟେ ।

ତଫସିଲଭୁକ୍ତ ଜାତି ଏବଂ ତଫସିଲଭୁକ୍ତ ଜନଜାତି (ଅତ୍ୟାଚାର ନିବାରଣ) ଅଧିନିୟମ **1989**, ଅନୁସୂଚିତ ଜାତି ମାନଙ୍କ ବିରୁଦ୍ଧରେ କରା ଯାଉ ଥିବା ଅତ୍ୟାଚାର କୁ ରୋକିବା ଦିଗରେ ଏକ ବିଶେଷ ବିଧି ଅଟେ ।

## କଣ କରିବ

1.ତଫସିଲଭୁକ୍ତ ଜାତି/ତଫସିଲଭିକ୍ତ ଜନଜାତି ର ସମସ୍ତ

ଲୋକମାନଙ୍କ ସହିତ ଆଇନ ସମକ୍ଷରେ ସମାନ ବ୍ୟବହାର କରିବା। (Article 14 of Indian Constitution)

2. ସଂପୃକ୍ତ ପୋଲିସ ଥାନା ର ପ୍ରଭାବୀ ଅଧିକାରୀ କୁ ତଫସିଲଭୁକ୍ତ ଜାତି / ତଫସିଲଭୁକ୍ତ ଜନଜାତି (ଅତ୍ୟାଚାର ନିବାରଣ)ଅଧିନିୟମ 1989, ଅନୁଯାଇ ଯେ କୌଣସି ଅପରାଧ ସମ୍ବନ୍ଧଯୁକ୍ତ ସମସ୍ତ ତଥ୍ୟ ଜଣାଇବ । (Prevention of Atrocities Act 1989)

3. ଆପଣ ଆପଣଙ୍କର କ୍ଷେତ୍ରାଧିକାର ରେ ରହି ଥିବା ତଫସିଲଭୁକ୍ତ ଜାତି/ତଫସିଲଭୁକ୍ତ ଜନଜାତି ର ଲୋକ ମାନଙ୍କୁ ତଫସିଲଭୁକ୍ତ ଜାତି/ତଫସିଲଭୁକ୍ତ ଜନଜାତି (ଅତ୍ୟାଚାର ନିବାରଣ) ଅଧିନିୟମ 1989, ଅନୁଯାଇ ଥିବ । ଅଧିକାର ଏବଂ ସୁରକ୍ଷା ଗୁଡିକ ସହିତ ଅବଗତ କରାଇବା ।

## କଣ ନ କରିବା

1. କୌଣସି ବ୍ୟକ୍ତି କୁ ତାହାର ଜାତି ଅନୁଯାଇ ତାହା ସହିତ ପ୍ରଭେଦ ନ କରିବା (ଭାରତୀୟ ସଂବିଧାନ ର ଅନୁଚ୍ଛେଦ 15 )

2. ଗିରଫ କରି ଥିବା ଲୋକ ମାନଙ୍କ ସହିତ ବିଶେଷତଃ ତଫସିଲଭୁକ୍ତ ଜାତି/ତଫସିଲଭୁକ୍ତ ଜନଜାତି ସଂପ୍ରଦାୟ ଲୋକ ମାନଙ୍କ

ପ୍ରତି କୌଣସି ପ୍ରକାରର ଅପମାନ ଜନକ ବ୍ୟବହାର ନ କରିବ । (Article 21 of Indian Constitution)

3. କୌଣସି ବ୍ୟକ୍ତିକୁ ଅସ୍ପୃଶ୍ୟତା କୁ ପ୍ରୋତ୍ସାହନ ଦେବା ଏବଂ ତାକୁ ଅଭ୍ୟାସ ରେ ପରିଣତ ନିମନ୍ତେ ଅନୁମତି ନ ଦେବ । (Article 17 of Indian constitution)

❖❖❖

# ଅଧ୍ୟାୟ-6

# ବରିଷ୍ଟ ନାଗରିକ ମାନଙ୍କର ଅଧିକାର ଗୁଡିକର ସଂରକ୍ଷଣ

ବାର୍ଦ୍ଧକ୍ୟ ଏକ ସ୍ୱାଭାବିକ ପ୍ରକ୍ରିୟା ଅଟେ, ଯାହାକି ମାନବ ଜୀବନ ର ନିୟମିତ କାଳକ୍ରମରେ ଅପରିବର୍ତ୍ତନୀୟ ଘଟି ଆସୁ ଅଛି । ଏହା ନିଜ ସହିତ ବରିଷ୍ଟ ଲୋକଙ୍କ ଜୀବନରେ ଅନେକ ପରିବର୍ତ୍ତନ ନେଇ ଆସେ, ବିଶେଷ କରି ମାନବ ଶରୀର ର ଅଙ୍ଗ ଗୁଡ଼ିକର କାର୍ଯ୍ୟ କରିବାର କ୍ଷମତାରେ ହ୍ରାସ ।

ସମସ୍ତ ନାଗରିକ ଏବଂ ବିଶେଷ କରି ପୋଲିସ ମାନଙ୍କର ଏହା ନୈତିକ କର୍ତ୍ତବ୍ୟ ଅଟେ କି ସେ ବରିଷ୍ଠ ନାଗରିକ ମାନଙ୍କର (ବୟସ 60 ବର୍ଷ ଏବଂ ତାହା ଠାରୁ ଅଧିକ) ଅଧିକାର ଗୁଡିକର ରକ୍ଷା କରିବା ।[6]

## କଣ କରିବ

1. ପିଲାମାନଙ୍କର ଏହା କର୍ତ୍ତବ୍ୟ ଅଟେ କି ଯଦି ତାଙ୍କ ମାଁ ବାପା ନିଜକୁ ସମ୍ଭାଳି ନ ପାରନ୍ତି ତାହା ହେଲେ ସେମାନେ ନିଜର ବୃଦ୍ଧ ମାତା-

6. ବରିଷ୍ଠ ନାଗରିକଙ୍କର ରାଷ୍ଟ୍ରିୟ ନୀତିରେ 60 ବର୍ଷ ଏବଂ ତାହା ଠାରୁ ବେସି ବୟସର ଯେକୌଣସି ବ୍ୟକ୍ତିଙ୍କୁ ବରିଷ୍ଠ ନାଗରିକ ରୂପେ ମାନ୍ୟତା ପ୍ରଦାନ କରା ଯାଉ ଅଛି ।

ପିତାଙ୍କର ଯତ୍ନ ନେବେ (Section125, Cr.PC)

2. ବରିଷ୍ଠ ନାଗରିକ ମାନଙ୍କର ଦୁର୍ବଳତା କୁ ଧ୍ୟାନ ରେ ରଖି ନିଜ କ୍ଷେତ୍ର/ଗ୍ରସ୍ତ କରୁ ଥିବା ଅଞ୍ଚଳ ଗୁଡିକରେ ସେମାନଙ୍କ ସହିତ ନିୟମିତ ସଂପର୍କ ରଖିବ।

3. କୌଣସି ବରିଷ୍ଠ ନାଗରିକଙ୍କ ଅନିବାର୍ଯ୍ୟ ଗିରଫ କରିବା ପରିସ୍ଥିତିରେ ଉଚିତ ଶିଷ୍ଟତା ଦେଖାଇବା ଏବଂ ସେହି ମୁହୁର୍ତ୍ତରେ ତାଙ୍କର ଚିକିତ୍ସା କରାଇ ନେବା ।

4. ଯେତେବେଳେ କୌଣସି ବରିଷ୍ଠ ନାଗରିକ ପୋଲିସ ଥାନାକୁ ଆସନ୍ତି ସେତେବେଳେ ତାଙ୍କୁ ଉଚିତ ସମ୍ମାନ ଦେବା ଏବଂ ତାଙ୍କର ସମସ୍ୟାକୁ ପ୍ରାଧାନ୍ୟ ରୂପେ ଧ୍ୟାନ ଦେବା ।

## କଣ ନ କରିବ

1. ଯେଉଁ ପର୍ଯ୍ୟନ୍ତ ଆଦୌ ଆବଶ୍ୟକ ନ ହୁଏ କୌଣସି ବରିଷ୍ଠ ନାଗରିକକୁ ଗିରଫ ନ କରିବା କିମ୍ବା ତାହାଙ୍କ ଅଟକାଇ ନ ରଖିବା ।

2. ଆଇନ ଏବଂ ଶାସନ ପ୍ରଣାଳୀ ର ସମସ୍ୟା ରେ ଗିରଫ ହୋଇଥିବ କୌଣସି ବରିଷ୍ଠ ନାଗରିକଙ୍କ ସହିତ କଠିନ ଏବଂ ରୁକ୍ଷଭାବେ ବ୍ୟବହାର ନ କରିବ ।

❖❖❖

# ଅଧ୍ୟାୟ-7

# ଅଳ୍ପତର ସଂଖ୍ୟା ମାନଙ୍କ ଅଧିକାର ଗୁଡିକର ସଂରକ୍ଷଣ

ଆମର ସଂବିଧାନ ର ଅନୁଚ୍ଛେଦ **14, 15** ଏବଂ **16** ଅନୁଯାଇ ଧର୍ମ ଆଧାର ରେ ପ୍ରଭେଦ ନିଷେଧ ଅଟେ । ଏହା ଅତିରିକ୍ତ ସଂବିଧାନର ଅନୁଚ୍ଛେଦ **29** ଏବଂ **30** ଅଳ୍ପସଂଖ୍ୟକ ମାନଙ୍କର ସାଂସ୍କୃତିକ ଏବଂ ଶିକ୍ଷା ସମ୍ବନ୍ଧୀୟ ଅଧିକାର ଗୁଡିକ ସହିତ ସମ୍ବନ୍ଧୀତ ଅଟେ ।[7]

## କଣ କରିବ

**1.** ଅଳ୍ପସଂଖ୍ୟା ମାନଙ୍କ ସମ୍ବନ୍ଧୀୟ ବିଷୟ ଗୁଡିକ ସହିତ ସାବଧାନ ସହକାରେ ଏବଂ ସମବେଦନଶୀଳ ହୋଇ ସମାଧାନ କରିବା ।

**2.** ମନ୍ଦିର ଏବଂ ପ୍ରାର୍ଥନା କରିବା ସ୍ଥାନ ଗୁଡିକର ନିୟମିତ ରୂପେ ନିରୀକ୍ଷଣ କରିବା ଏବଂ ସାଂପ୍ରଦାୟିକ ଉତ୍ତେଜନା ଉତ୍ପନ୍ନ କରିବା ଉପଦ୍ରବୀ ଦୁଷ୍ଟ ବ୍ୟକ୍ତି ମାନଙ୍କ ଉପରେ ନଜର ରଖିବା ।

**3.** ପର୍ବ ଏବଂ ଉତ୍ସବ ଦିନ ଗୁଡିକରେ ଅଧିକ ସତର୍କ ରହିବା ଏବଂ

7. ଏହି ଅଧ୍ୟାୟରେ କେବଳ ଧାର୍ମିକ ଅଳ୍ପସଂଖ୍ୟା ଗୁଡିକର ଉଲ୍ଲେଖ କରା ଯାଉ ଅଛି)

ସଂପ୍ରାଦାୟିକ ଉତ୍ତେଜନା କ୍ଷେତ୍ର ଗୁଡିକରେ ପ୍ରତିରୋଧକ ପଦକ୍ଷେପ ଗ୍ରହଣ କରିବା ।

4. ଅଳ୍ପସଂଖ୍ୟା ସଂପ୍ରଦାୟିକ ସଦସ୍ୟ ମାନଙ୍କର ଘର, ପୂଜା ସ୍ଥାନ କିମ୍ବା ସଂସ୍ଥାନ ଗୁଡିକର ନିରୀକ୍ଷଣ କରିବା ସମୟ ରେ ଏମାନଙ୍କ ଭାବପ୍ରବଣ ଧାର୍ମିକ ରିତି ନିତି କୁ ଉଚିତ ସମ୍ମାନ ଦେବା ।

5. ଅଳ୍ପସଂଖ୍ୟା ସଂପ୍ରଦାୟିକ ର ପ୍ରଭାବଶାଳୀ ବ୍ୟକ୍ତି ମାନଙ୍କ ସହିତ ନିୟମିତ ସଂପର୍କ ରେ ରହିବ । ବିବାଦିୟ ପରିସ୍ଥିତିରେ ସେମାନଙ୍କ ସମର୍ଥନ ଆପଣଙ୍କ ସହିତ ରହିବ ।

6. ଯେ କୌଣସି ଧର୍ମକୁ ମାନିବା ଏବଂ ସେହି ଧର୍ମ ପ୍ରତି ନିଜର ବିଶ୍ୱାସ ପ୍ରକଟ କରିବା ପାଇଁ ଲୋକଙ୍କ ସ୍ୱତନ୍ତ୍ରତାକୁ ସୁନିଶ୍ଚିତ କରିବା (ଅନୁଚ୍ଛେଦ 25 (1), Indian Constitution).

7. ସମସ୍ତ ସଂପ୍ରଦାୟର ପ୍ରଭାବଶାଳୀ ଧାର୍ମିକ ବ୍ୟକ୍ତି ମାନଙ୍କ ପ୍ରତି ନମ୍ର ରହିବ ।

## କଣ ନ କରିବ

1. ଯେ କୌଣସି ଧାର୍ମିକ ସଂପ୍ରଦାୟ ସମ୍ବନ୍ଧୀୟ ବିଷୟ ଗୁଡିକ

ସମାଧାନ କରିବା ସମୟ ରେ କୌଣସି ପ୍ରକାର ର ପକ୍ଷପାତ ନ ଦେଖାଇବ ।

2. ଧର୍ମ ଆଧାର ରେ ନାଗରିକ ମାନଙ୍କ ପ୍ରତି ଭେଦଭାବ ନ କରିବା ।(Article 15(1), (2) of Indian Constitution)

3. ଧାର୍ମିକ ବିଷୟ ଗୁଡିକ ସମ୍ବନ୍ଧିତ ଯେ କୌଣସି ସୂଚନା ଅଭିଯୋଗ କୁ ଅବହେଳା ନ କରିବା କିମ୍ବା ସେଗୁଡିକୁ ସମାଧାନ କରିବାରେ ବିଳମ୍ବ ନ କରିବା ।

❖❖❖

# ଅଧ୍ୟାୟ-୪

# ବାଧ୍ୟତାମୂଳକ/ବଂନ୍ଧୁଆ ମଜଦୁର ଏବଂ ପୋଲିସଙ୍କ

ଭାରତିୟ ସଂବିଧାନ ର ଅନୁଛେଦ 23 ରେ ଭିକ୍ଷା ବୃତ୍ତି ଏବଂ ବାଧ୍ୟତାମୂଳକ ମଜଦୁର ପରି ଅନ୍ୟ ସମାନ ପ୍ରକାର ର ବୃତ୍ତିକୁ ନିଷେଧ କରା ଯାଇ ଅଛି । ବଂନ୍ଧୁଆ ମଜଦୁର ପ୍ରଥା (ଉଛେଦ) ଅଧିନିୟମ 1976 ଅନୁଯାୟୀ ବନ୍ଧୁଆ ମଜଦୁର ଗୁଡ଼ିକୁ ଚିହ୍ନିତ କରି ସେମାନଙ୍କୁ ମୁକ୍ତ କରିବା ଏବଂ ମୁକ୍ତ କରା ଯାଇ ଥିବା ବଂନ୍ଧୁଆ ମଜଦୁର ଗୁଡ଼ିକର ଥଇଥାନ ର ଦାୟିତ୍ୱ ସିଧା ସେହି ସଂପୃକ୍ତ ରାଜ୍ୟ ର ଅଟେ ।

## କଣ କରିବ

1. ନିଜ କ୍ଷେତ୍ର, ଗ୍ରସ୍ତ ଲଗାଉ ଥିବା ସହର ରେ ବାଧ୍ୟତାମୂଳକ ବଂନ୍ଧୁଆ ମଜଦୁର ପ୍ରଥା ବିଷୟରେ ସତର୍କ ରହିବ । ଏବଂ ବଂନ୍ଧୁଆ/ବାଧ୍ୟତାମୂଳକ ମଜଦୁର ବିଷୟରେ ସମସ୍ତ ଘଟଣା ଗୁଡ଼ିକ ବିଷୟରେ ତୁରନ୍ତ ଜିଲ୍ଲା କର୍ତ୍ତୃପକ୍ଷ ପ୍ରାଧିକାରୀଙ୍କୁ ସୂଚନା ଦେବ ।

2. ମୁକ୍ତିଲାଭ କରାଯାଇ ଥିବା ମଜଦୂର ମାନଙ୍କୁ କାର୍ଯ୍ୟ ସ୍ଥାନରୁ

ନିରାପଦ ସ୍ଥାନକୁ ନେଇ ଯିବାରେ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସାହାଯ୍ୟ କରିବା ।

3. ମଜଦୁର ଯଦି ସମାଜ ର ଦୁର୍ବଳ ବର୍ଗ ଯଥା ପିଲା, ମହିଳା, ଅଳ୍ପସଂଖ୍ୟକ ଏବଂ ତଫସିଲଭୁକ୍ତ ଜାତି/ତଫସିଲଭୁକ୍ତ ଜନଜାତି ଗୁଡ଼ିକ ସହିତ ସମନ୍ଧିତ ଥାଏ ତାହା ହେଲେ (ବିଭିନ୍ନ ଅଧିନିୟମ ଗୁଡ଼ିକ ଅନୁସାରେ) ଉପଯୁକ୍ତ କାର୍ଯ୍ୟ କରିବା ।

# କଣ ନ କରିବ

1. ବନ୍ଧୁଆ ମଜଦୁରର ପ୍ରଥା (ଉଚ୍ଛେଦ) ଅଧିନିୟମ 1976 ର ବିଧାନ ଗୁଡ଼ିକ ଅନୁଯାଇ ନିର୍ବାହୀ (ଏଗ୍‌ଜିକିଉଟିଭ୍‌) ମାଜିଷ୍ଟ୍ରେଟ୍‌ (Executive magistrate) ଉଚିତ ତଦନ୍ତ ବିନା, ଉକ୍ତ ବନ୍ଧୁଆ ମଜଦୁର ମାନଙ୍କୁ ମୁକ୍ତ ନ କରାଇବା ।

2. ବିତ୍ତ ବା ଅର୍ଥ ସମ୍ବନ୍ଧୀୟ ବିଷୟ ଗୁଡିକର ମୀମାଂସା କିମ୍ବା ନିଷ୍ପତ୍ତି କରିବା ସମୟରେ ନିଜକୁ ଅନ୍ତର୍ଭୁକ୍ତ ନ କରିବା ।

3. ବନ୍ଧୁଆ ମଜଦୁର ବା ଶ୍ରମିକ ମାନଙ୍କର ଉପସ୍ଥିତି ସମ୍ବନ୍ଧରେ ତଦନ୍ତ, କରିବା ସମୟରେ ନିର୍ଣ୍ଣାୟକ ଟିପ୍‌ପଣୀ ନ ଦେବା ।

Oriya:Layout 1 03/11/11 1:34 PM Page 34

4. ଦୁଃଖିତ ଶ୍ରମିକ ମାନଙ୍କ ଆଗରେ ଅହଂକାରୀ ବ୍ୟବହାର ନ କରିବା ।

❖❖❖

# ଅଧ୍ୟାୟ - ୨

# ଏନକାଉଣ୍ଟର୍

ପୋଲିସ କାର୍ଯ୍ୟ ସନ୍ଦର୍ଭ ରେ "ଏନକାଉଣ୍ଟର" ସାଧାରଣ ସେହି ପରିସ୍ଥିତି ସମ୍ବନ୍ଧରେ ବୁଝାଇ ଥାଏ ଯେତେ ବେଳେ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଅପରାଧୀ/ଆସାମୀ ଗୁଡ଼ିକ ବିରୁଦ୍ଧରେ ପୋଲିସ ଅଗ୍ନିଶସ୍ତ୍ର ଗୁଡ଼ିକର ପ୍ରୟୋଗ କରିବାସହ ବଳ ପ୍ରୟୋଗ କରି ଥାଏ । ଏହି ପ୍ରକାର ର ପରିସ୍ଥିତ ଅନୁଯାୟୀ ପୋଲିସ କର୍ମୀ ମାନଙ୍କ ଦ୍ୱାରା ସାଧାରଣତଃ ଆତ୍ମରକ୍ଷା ନିମନ୍ତେ ବଳ ପ୍ରୟୋଗ ର ସାହାଯ୍ୟ ନେଇ ଥାନ୍ତି ।

## କଣ କରିବ

1. ଯେତେ ବେଳେ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଅପରାଧୀ/ଆସାମୀ ମାନଙ୍କ ସହିତ ସମ୍ମୁଖୀନ ହେବ ସେତେବେଳେ ସର୍ବ ପ୍ରଥମେ ସେମାନଙ୍କୁ ପ୍ରତିଦ୍ୱନ୍ଦିତା ପାଇଁ ଆହ୍ୱାନ ଦେବ ଏବଂ ଆତ୍ମସମର୍ପଣ କରିବା ପାଇଁ କହିବ ।

2. ଆକ୍ରମକ ଅପରାଧୀ/ଆସାମୀ ମାନଙ୍କ ସହିତ ସଂଗ୍ରାମ କରିବା ସମୟରେ ଯଦି ଆପଣଙ୍କ କିମ୍ବା ଅନ୍ୟ ବ୍ୟକ୍ତି ମାନଙ୍କ ମୃତ୍ୟୁ କିମ୍ବା ସାଂଘାତିକ ଆଘାତ ହେବାର ଭୟ ଥାଏ ତେବେ ସେହି ସମୟରେ ନିଜର

ଏବଂ ଅନ୍ୟ ବ୍ୟକ୍ତି ମାନଙ୍କର ରକ୍ଷା କରିବା ପାଇଁ କେବଳ ଆତ୍ମରକ୍ଷା ହେତୁ ବଳ ର ପ୍ରୟୋଗ କରିବ । (Section 97, IPC)

3. ଆତ୍ମ-ରକ୍ଷା ପାଇଁ ବଳର ପ୍ରୟୋଗ କେବଳ ସେହି ସମୟରେ ଆରମ୍ଭ କରିବ, ଯେଉଁ ସମୟରେ ଆକ୍ରମକ ଅପରାଧୀ/ଆସାମୀ ମାନଙ୍କ ଦ୍ୱାରା କରା ଯାଇ ଥିବା ଆଘାତ କିମ୍ବା ଧମକ ଦ୍ୱାରା ଆପଣଙ୍କ ଶରୀର ପାଇଁ ପର୍ଯ୍ୟାପ୍ତ ଅନିଷ୍ଟର ଭୟ ରହି ଥାଏ । ଏହା ଛଡ଼ା ଆତ୍ମ-ରକ୍ଷା ପାଇଁ ବଳର ପ୍ରୟୋଗ କେବଳ ସେହି ସମୟ ପର୍ଯ୍ୟନ୍ତ ଚାଲୁ ରଖିବ ଯେଉଁ ସମୟ ପର୍ଯ୍ୟନ୍ତ ଆପଣଙ୍କ ଶରୀର ପାଇଁ ନିରନ୍ତର ଆଘାତ ର ଭୟ ରହି ଥାଏ । (Section 102, IPC).

4. ଆତ୍ମ-ରକ୍ଷା ପାଇଁ କେବଳ ସେତିକି ପରିମାଣ ରେ ବଳ ପ୍ରୟୋଗ କରିବ ଯାହା ଦ୍ୱାରା ଆକ୍ରମକ ଅପରାଧୀ/ଆସାମୀ ମାନଙ୍କର ମୃତ୍ୟୁ ହୋଇ ଯାଏ କିମ୍ବା ସେମାନଙ୍କ କୌଣସି ପ୍ରକାରର ଅନିଷ୍ଟ ହୋଇ ଥାଏ, କେବଳ ସେହି ସମୟରେ କରିବ ଯେଉଁ ସମୟରେ ସେମାନଙ୍କର ଆକ୍ରମଣ ଦ୍ୱାରା ଆପଣଙ୍କର କିମ୍ବା ଅନ୍ୟ ବ୍ୟକ୍ତିମାନଙ୍କର ମୃତ୍ୟୁ କିମ୍ବା ଗମ୍ଭୀର ଆଘାତ ର ଭୟ ପାଇଁ ପର୍ଯ୍ୟାପ୍ତ କାରଣ ଥାଏ । (Section 100, IPC)

# କଣ ନ କରିବ

1. ଅପରାଧୀ/ଆସାମୀ ଅସ୍ତ୍ରଶସ୍ତ୍ର ସହିତ ଦେଖିବା ମାତ୍ରେ ହିଁ ଗୁଳିଚାଳନା ନ କରିବା ।

2. ଅତିରିକ୍ତ ବଳ ପ୍ରୟୋଗ ନ କରିବା, ଆପଣଙ୍କ ଦ୍ୱାରା ପ୍ରୟୋଗ କରିଥିବା ବଳର ପ୍ରକୃତି ଏବଂ ମାତ୍ରା ଆକ୍ରମକ ଅପରାଧୀ/ଆସାମ ମାନଙ୍କ ଦ୍ୱାରା ପ୍ରୟୋଗ କରି ଥିବା ବଳ ର ପ୍ରକୃତି ଏବଂ ମାତ୍ରା ର ସମାନୁପାତିକ ରହିବା ଆବଶ୍ୟକ ।

3. ଆକ୍ରମକ ଅପରାଧୀ/ଆସାମୀ ମାନଙ୍କୁ ଅଧିକ କ୍ଷତି କିମ୍ବା ଆଘାତ ଦେବା ପାଇଁ ଏତେ ମାତ୍ରାରେ ବଳ ପ୍ରୟୋଗ ନ କରିବ ଯେତେ କି ଆପଣଙ୍କ ଶରୀର ଏବଂ ଅନ୍ୟ ବ୍ୟକ୍ତିମାନଙ୍କର ରକ୍ଷା କରିବା ପାଇଁ ଆବଶ୍ୟକ ହେଉ ଥାଏ । (Section 97, IPC)

❖❖❖

# ଅଧ୍ୟାୟ - 10

# ଆତଙ୍କବାଦ ଏବଂ ପୋଲିସିଙ୍ଗ

ଆତଙ୍କବାଦ "ଆଇନ ଏବଂ ବ୍ୟବସ୍ଥା" ର ଏପରି ଏକ ଚରମସ୍ଥିତି ଅଟେ, ଯେଉଁ ଥିରେ ଉଦ୍ୟୋକ୍ତ ପରିସ୍ଥିତି ଗୁଡ଼ିକ ସମୟରେ ମଧ୍ୟ ପୋଲିସମାନଙ୍କ ଠାରୁ ସମତୁଲ୍ୟ ପ୍ରତିକ୍ରିୟାର ଆବଶ୍ୟକ ହୋଇ ଥାଏ । ଆତଙ୍କବାଦଙ୍କ ସହିତ ସଂଗ୍ରାମ କରିବା ସମୟରେ ପୋଲିସ ମାନଙ୍କ ଗତିବିଧିରେ - ଆତଙ୍କ ଘଟଣା ଗୁଡ଼ିକର ଅନୁସନ୍ଧାନ କରିବା, ଆତଙ୍କବାଦି ମାନଙ୍କୁ ଗିରଫ କରିବା ପାଇଁ ଘେରା କରିବା ଏବଂ ତଦନ୍ତ କରିବା କାର୍ଯ୍ୟ ଗୁଡ଼ିକ, ROP (Road opening party) ଡିଉଟି, ନାଗରିକ ମାନଙ୍କ ତଦନ୍ତ କିମ୍ବା/ଅନୁସନ୍ଧାନ, ଚେକପଏଣ୍ଟ୍ (ନାକା) ଡିଉଟି ଇତ୍ୟାଦି ଅନ୍ତର୍ଭୁକ୍ତ ଥାଏ ।

## କଣ କରିବା

1. ନିଜ କ୍ଷେତ୍ର ରେ ସ୍ଥାନୀୟ ଲୋକଙ୍କ ସହିତ ଭଲ ସମ୍ପର୍କ ରଖିବ । ଏହା ଦ୍ୱାରା ଆତଙ୍କବାଦି ଏବଂ ସେମାନଙ୍କ କାର୍ଯ୍ୟ-ଗୁଡ଼ିକ ବିଷୟରେ ସୂଚନା ପ୍ରାପ୍ତ କରିବାରେ ସାହାଯ୍ୟ ମିଳି ଥାଏ । ସ୍ଥାନୀୟ ଲୋକଙ୍କ ସହିତ ଭଲ ସମ୍ପର୍କ ରହିଥିଲେ ପୋଲିସ କାର୍ଯ୍ୟ ଯୋଗୁଁ ଆତଙ୍କବାଦି ପ୍ରଧାନ କ୍ଷେତ୍ର

ଗୁଡ଼ିକରେ ବାରମ୍ବାର ଉତ୍ପନ୍ନ ହୋଇ ଥିବା ଅସ୍ଥିର ଆଇନ ଏବଂ ବ୍ୟବସ୍ଥା ପରି ପରିସ୍ଥିତି ସହିତ ସମ୍ମୁଖୀନ ହେବାରେ ସାହାଯ୍ୟ ମିଳି ଥାଏ ।

2. କୌଣସି ପ୍ରକାର ର ସନ୍ଦେହ ଜନକ ଘର ର ଅନୁସନ୍ଧାନ କରିବା ସମୟରେ ସ୍ଥାନୀୟ ପ୍ରତିନିଧିମାନଙ୍କୁ ସେମାନଙ୍କ ସୁରକ୍ଷା କୁ ସୁନିଶ୍ଚିତ କରି ସେମାନଙ୍କୁ ନିଜ ସହିତ ନେବା ।

3. ସାର୍ବଜନିନ ସ୍ଥାନ ଗୁଡ଼ିକରେ ଭୌତିକ ଅନୁସନ୍ଧାନ କରିବା ସମୟରେ ନାଗରିକ ମାନଙ୍କ ସହିତ ଶିଷ୍ଟତା ସହିତ ବ୍ୟବହାର କରିବା । ମହିଳା ମାନଙ୍କ ତଦନ୍ତ କେବଳ ମହିଳା ପୋଲିସ କର୍ମୀଙ୍କ ଦ୍ୱାରା ମର୍ଯ୍ୟାଦା ସହିତ କରା ଯିବା ଆବଶ୍ୟକ ।

4. ତଦନ୍ତ କ୍ରିୟା ଅଥବା ଚେକ୍ ପଏଣ୍ଟ ଡିଉଟି ସମୟରେ ମହିଳାମାନଙ୍କ ସହିତ ଅତିରିକ୍ତ ସମ୍ମାନପୂର୍ବକ ବ୍ୟବହାର କରିବା ଆବଶ୍ୟକ । ବୃଦ୍ଧ ଏବଂ ପିଲାମାନଙ୍କ ସହିତ ଭଦ୍ର ବ୍ୟବହାର କରିବା ଆବଶ୍ୟକ ।

5. ଗିରଫ କରା ଯାଇ ଥିବା ଆତଙ୍କବାଦି ମାନଙ୍କ ଅଧିକାର ଗୁଡ଼ିକ ସେହି ପ୍ରକାରରେ ରହିବା ଦରକାର ଯେପରି କି ଅନ୍ୟ କୌଣସି ଗିରଫ ହୋଇ ଥିବା ଆସାମୀ ଅଥବା ଅପରାଧୀ କ୍ଷେତ୍ରରେ ରହି ଥାଏ ।

6. ଯେତେ ବେଳେ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଆତଙ୍କବାଦିଙ୍କ ସହିତ ମୁକାବିଲା ହୋଇ ଥାଏ ସେତେ ବେଳେ ସର୍ବପ୍ରଥମେ ସେମାନଙ୍କୁ ପ୍ରତିଦ୍ୱନ୍ଦିତା ପାଇଁ ଆହ୍ୱାନ ଦେବ ଏବଂ ତାଙ୍କୁ ଆତ୍ମସମର୍ପଣ କରିବା ପାଇଁ କରିବ । ଆତ୍ମରକ୍ଷା ପାଇଁ ବଳର ପ୍ରୟୋଗ କେବଳ ସେହି ସମୟରେ ଆରମ୍ଭ କରା ଯିବା ଆବଶ୍ୟକ ଯେତେବେଳେ ଆପଣଙ୍କୁ କିମ୍ବା ଅନ୍ୟ ବ୍ୟକ୍ତିମାନଙ୍କ ମୃତ୍ୟୁ କିମ୍ବା ସାଂଘାତିକ ଆଘାତ ହେବାର ପର୍ଯ୍ୟାପ୍ତ ଆଶଙ୍କା ଥାଏ ।

7. ପୋଲିସ ମାନଙ୍କ ଗତିବିଧି ମଧ୍ୟରେ ନାଗରିକ ମାନଙ୍କ ଏବଂ ତାଙ୍କ ସମ୍ପତ୍ତି ର ଆନୁସଙ୍ଗିକ କ୍ଷତିକୁ କମ କରିବା ପାଇଁ ଉଦ୍ୟମ କିମ୍ବା ଚେଷ୍ଟା କରା ଯିବା ଆବଶ୍ୟକ ।

## କଣ ନ କରିବ

1.ଏନ୍‌କାଉଣ୍ଟର/ତଦନ୍ତ କାର୍ଯ୍ୟ ଗୁଡ଼ିକ ସମୟରେ ଆତଙ୍କ ବାଦିଙ୍କ ବିରୁଦ୍ଧରେ ଢ଼ାଲ ରୂପେ ନାଗରିକ ମାନଙ୍କର ପ୍ରୟୋଗ ନ କରିବା ।

2. ଗିରଫ ହୋଇ ଥିବା ଆତଙ୍କବାଦି ମାନଙ୍କ ଠାରୁ ସୂଚ଼ନା ଆଦାୟ କରିବା ପାଇଁ ଦାରୁଣ ଦୈହିକ ବା ମାନସିକ ଯନ୍ତ୍ରଣା ର ପ୍ରୟୋଗ ନ କରିବା ।

3. ଆତଙ୍କବାଦି କିମ୍ବା ଏହି ପ୍ରକାର ର ସନ୍ଦେହ ଯୁକ୍ତ ବ୍ୟକ୍ତି କୁ

ଅବୈଧ କାରାବାସରେ ନ ରଖିବା ।

4. ROP ଡିଉଟି କିମ୍ବା ତଦନ୍ତ ଅଭିଯାନ (Search operation) ସମୟରେ ସ୍ଥାନୀୟ ଲୋକ ମାନଙ୍କ ଠାରୁ ଭୋଜନ ବା ଅନ୍ୟ ସୁବିଧା ଗୁଡ଼ିକ ପାଇଁ ଅନୁରୋଧ ନ କରିବା ।

5. ଆତଙ୍କ ଘଟଣା ପରେ ଅତିରିକ୍ତ ପ୍ରତିକ୍ରିୟା ଠାରୁ ଦୂରରେ ରହିବା । ଘଟଣା ସ୍ଥାନ ର ଆଖ-ପାଖ ନାଗରିକ ମାନଙ୍କୁ ଅନାବଶ୍ୟକ ରୂପେ ହଇରାଣ ନ କରିବା ।

**Translated by:**
**Padmini Behera**
**MA.LLB**
**Advocate**

❖❖❖

Oriya:Layout 1 03/11/11 1:34 PM Page 42

सर्वे
भवन्तु सुखिनः

**ରାଷ୍ଟ୍ରିୟ ମାନବ ଅଧିକାର ଆୟୋଗ**
**ଫରିଦକୋଟ ହାଉସ୍, କୋପରନିକସ୍ ମାର୍ଗ**
**ନୂଆ ଦିଲ୍ଲୀ-110 001**
Tel.: 011-23385368 Fax: 011-23384863
E-mail: covdnhrc@nic.in Website: www.nhrc.nic.in